भारतीय प्रौद्योगिकी संस्थान भुवनेश् वर
**Indian Institute of Technology Bhubaneswar**

**Press Release**

## ଇଣ୍ଡୋନେସିଆର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଆଇଆଇଟି ଭୁବନେଶ୍ୱର ପରିଦର୍ଶନ

**ଭୁବନେଶ୍ୱର, ୬ ଅଗଷ୍ଟ ୨୦୨୬:** ଇଣ୍ଡୋନେସିଆ ଗଣରାଜ୍ୟର ଉଚ୍ଚଶିକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମାନ୍ୟବର ଶ୍ରୀ ବ୍ରାଏନ୍ ୟୁଲିଆର୍ତୋ ଆଜି ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ଆଇଆଇଟି ଭୁବନେଶ୍ୱରର ଶିକ୍ଷା, ଗବେଷଣା ଓ ନବସୃଜନର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ଅବଗତ ହୋଇଥିଲେ।

ଆଲୋଚନା ସମୟରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକରପ୍ରତିଷ୍ଠାନର ବିଭିନ୍ନ ଦିଗ ଉପସ୍ଥାପନ କରିବା ସହ ଏଠାରେ ଚାଲିଥିବା ଗବେଷଣା ଓ ବିକାଶର ବିଭିନ୍ନ କ୍ଷେତ୍ର ସମ୍ପର୍କରେ ପ୍ରତିନିଧିମଣ୍ଡଳୀକୁ ଅବଗତ କରାଇଥିଲେ। ଏକ ଉପସ୍ଥାପନା ମାଧ୍ୟମରେ ପ୍ରଫେସର କର୍ମାଲକର ଶିକ୍ଷାଦାନ-ଶିକ୍ଷଣ, ଗବେଷଣା, ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗ, ଉଦ୍ୟମିତା ବିକାଶ, ଶିକ୍ଷକ ଶିକ୍ଷା ଏବଂ ମାନସିକ ସୁସ୍ଥତା ଦିଗରେ ପ୍ରତିଷ୍ଠାନର ସ୍ୱତନ୍ତ୍ର ସାମର୍ଥ୍ୟ ଓ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ।

ମାନ୍ୟବର ମନ୍ତ୍ରୀ ଓ ତାଙ୍କ ସହ ଆସିଥିବା ପ୍ରତିନିଧିମଣ୍ଡଳୀ ଆଇଆଇଟି ଭୁବନେଶ୍ୱର ଏବଂ ଇଣ୍ଡୋନେସିଆର ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସହଯୋଗର ସମ୍ଭାବନା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ। ସେମାନେ ପ୍ରତିଷ୍ଠାନର ସେମିକଣ୍ଡକ୍ଟର ପରୀକ୍ଷାଗାରଗୁଡ଼ିକ ମଧ୍ୟ ପରିଦର୍ଶନ କରିଥିଲେ।

ପ୍ରତିନିଧିମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡୋନେସିଆ ସାଧାରଣତନ୍ତ୍ରର ଦୂତାବାସର ଶିକ୍ଷା ଓ ସଂସ୍କୃତି ଆଟାଚେ ପ୍ରଫେସର ଫୁଆଦ ଏବଂ ଶିଳ୍ପ ସମ୍ପର୍କ ଓ ଅନ୍ତର୍ଜାତୀୟ ସହଯୋଗ ବିଷୟରେ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଶ୍ରୀ ଓ.କେ. ଆର୍ଲିଭାନ୍ ସାମ୍ପୁର୍ନୋ ମଧ୍ୟ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ।

ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରଫେସର ଅନିମେଶ ମଣ୍ଡଳ, ଡିନ୍ (ପ୍ରାକ୍ତନ ଛାତ୍ର, କର୍ପୋରେଟ୍ ଓ ଅନ୍ତର୍ଜାତୀୟ ସମ୍ପର୍କ); ପ୍ରଫେସର ଶ୍ୟାମଲ ଚାଟାର୍ଜୀ, ଡିନ୍ (ନିରନ୍ତର ଶିକ୍ଷା); ପ୍ରଫେସର ଉମାପ୍ରସନ୍ନ ଓଝା, ଡିନ୍ (ଅଧ୍ୟାପକ ବ୍ୟାପାର); ପ୍ରଫେସର ଚନ୍ଦ୍ରଶେଖର ଏନ୍. ଭେଣ୍ଡେ, ମୁଖ୍ୟ, ବୈଦ୍ୟୁତିକ ଯାନ୍ତ୍ରିକ ବିଭାଗ ଓ ସମନ୍ୱୟକାରୀ ମୁଖ୍ୟ, ସ୍କୁଲ୍ ଅଫ୍ ଇଲେକ୍ଟ୍ରିକାଲ୍ ଆଣ୍ଡ କମ୍ପ୍ୟୁଟର ସାଇନ୍ସେସ୍; ପ୍ରଫେସର ପି.ଭି. ସତ୍ୟମ, ପ୍ରଫେସର, ସ୍କୁଲ୍ ଅଫ୍ ବେସିକ୍ ସାଇନ୍ସେସ୍; ଏବଂ ପ୍ରତିଷ୍ଠାନର କୁଳସଚିବ ଶ୍ରୀ ବାମଦେବ ଆଚାର୍ଯ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

-------------------